# ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ

OPTCL
*Lifeline of Odisha*

(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

ପଞ୍ଜୀକୃତ କାର୍ଯ୍ୟାଳୟ: ଜନପଥ ଭୁବନେଶ୍ୱର-୭୫୧୦୨୨

**CIN-U40102OR2004SGC007553**

## ସର୍ବସାଧାରଣ ବିଜ୍ଞପ୍ତି

୧. ଓଡ଼ିଶା ସରକାରଙ୍କ ହସ୍ତାନ୍ତର ପ୍ରକ୍ରିୟା ୨୦୦୫ ଓ ବିଦ୍ୟୁତ୍ ଆଇନ ୨୦୦୩ ଅନ୍ତର୍ଗତ ଧାରା ୧୪ ଅନୁଯାୟୀ ଓ ଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ,ଜନପଥ,ଭୁବନେଶ୍ୱର-୭୫୧୦୨୨ ଏକ କ୍ଷମତା ପ୍ରାପ୍ତ ବିଦ୍ୟୁତ୍ ସଂଚାରଣ ସଂସ୍ଥା (ଲାଇସେନ୍ସି) । ଉକ୍ତ ସଂସ୍ଥା ଉପରେ ଏସ୍.ଏଲ୍.ଡି.ସି ର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟୀତ୍ୱ ନ୍ୟସ୍ତ କରାଯାଇଥିବା ହେତୁ ତା.୨୯-୧୧-୨୧ରିଖରେ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଏସ୍.ଏଲ୍.ଡି.ସି କାର୍ଯ୍ୟ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ବାର୍ଷିକ ଫି ଓ କାର୍ଯ୍ୟ ସଂପାଦନ ଶୁଳ୍କ ନିର୍ଦ୍ଧାରଣ ଅନୁମୋଦନ ନିମନ୍ତେ ଓ ଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ସମକ୍ଷରେ ଏହାର ଆବେଦନପତ୍ର ଦାଖଲ କରିଛି ଯାହା କେସ୍ ନଂ ୧୦୬/୨୦୨୧ ଭାବେ ପଞ୍ଜୀକୃତ ହୋଇଛି । ଏହି ସର୍ବସାଧାରଣ ବିଜ୍ଞପ୍ତି ଏବଂ ଦାଖଲ କରାଯାଇଥିବା ସମସ୍ତ ନଥିପତ୍ର ଏସ୍‌ଏଲ୍‌ଡିସି ର ୱେବ୍‌ସାଇଟ୍ www.sldcorissa.org.in ,ଓପିଟିସିଏଲ୍ ୱେବ୍‌ସାଇଟ୍ www.optcl.co.in ତଥା ଆୟୋଗଙ୍କ ୱେବସାଇଟ୍ www.orierc.org ରୁ ଡାଉନଲୋଡ୍ କରାଯାଇପାରିବ ।

୨. ମହାପ୍ରବନ୍ଧକ (ଆର୍‌ଟି.ଏଣ୍ଡ୍.ସି), ଚିଫ୍ ଲୋଡ୍ ଡେସପାଚର୍ ଏସ୍.ଏଲ୍.ଡି.ସି,ଭୁବନେଶ୍ୱର ଏବଂ ଓପିଟିସିଏଲର ଅତ୍ୟୁଚ୍ଚ ବିଦ୍ୟୁତ୍ ରକ୍ଷଣାବେକ୍ଷଣ ମଣ୍ଡଳ ଦାୟୀତ୍ୱରେ ଥିବା ସମସ୍ତ ମହାପ୍ରବନ୍ଧକ (ବିଦ୍ୟୁତ)ଙ୍କ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଏସ୍.ଏଲ୍.ଡି.ସି କାର୍ଯ୍ୟ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ବାର୍ଷିକ ଫି ଓ କାର୍ଯ୍ୟ ସଂପାଦନ ଶୁଳ୍କ ନିର୍ଦ୍ଧାରଣ ନିମନ୍ତେ ଆବେଦନ ପତ୍ରର ସଂପୂର୍ଣ୍ଣ ଏକ ସେଟ୍ ନଥିପତ୍ର ଇଚ୍ଛୁକ ବ୍ୟକ୍ତି ଫଟୋ କପି ମୂଲ୍ୟ ଟ.୫୦/- ଦେଇ ତା. ୧୫.୦୧.୨୦୨୨ ରିଖ କିମ୍ବା ପୂର୍ବଦିନମାନଙ୍କରେ କାର୍ଯ୍ୟଦିବସ ସମୟ ମଧ୍ୟରେ ପାଇପାରିବେ ।ଆଗ୍ରହୀ ବ୍ୟକ୍ତି ବିଶେଷ ମଧ୍ୟ ଉପରିସ୍ଥ ଦର୍ଶାଯାଇଥିବା କାର୍ଯ୍ୟାଳୟରେ ସାଧା କାଗଜରେ ଦରଖାସ୍ତି ଦେଇ କାର୍ଯ୍ୟଦିବସ ମଧ୍ୟରେ ନଥିପତ୍ର ଯାଞ୍ଚ କରିପାରିବେ/ଦେଖିପାରିବେ ।

୩.ଯଦି କିଛି ପ୍ରସ୍ତାବ/ଆପତ୍ତି ଥାଏ, ତାହା ସହାୟକ କାଗଜପତ୍ର ସହିତ କେବଳ ବ୍ୟକ୍ତିଗତ ଭାବେ କିମ୍ବା ରେଜିଷ୍ଟ୍ରି ଡାକ ସହିତ କୋରିୟର ସେବା ମାଧ୍ୟମରେ ତା. ୧୫.୦୧.୨୦୨୨ରିଖ କିମ୍ବା ପୂର୍ବରୁ ସଚିବ,ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ୍ ନଂ-୪, ଚୁନୁକୋଳି, ଶୈଳଶ୍ରୀବିହାର,ଚନ୍ଦ୍ରଶେଖରପୁର,ଭୁବନେଶ୍ୱର-୭୫୧୦୨୧ଙ୍କ ନିକଟରେ ନିଶ୍ଚିତ ପହଞ୍ଚିବା ଆବଶ୍ୟକ ।ପ୍ରସ୍ତାବ/ଆପତ୍ତି ସବୁର ସାତ (୭) କିତା ନକଲ ସହିତ ସେଥିରେ ପ୍ରସ୍ତାବ/ଆପତ୍ତି ପଠାଇଥିବା ବ୍ୟକ୍ତି/ସଂସ୍ଥା/ଅନୁଷ୍ଠାନର ପୁରା ନାମ, ପିନକ କୋଡ୍ ସହିତ ସଂପୂର୍ଣ୍ଣ ଡାକ ଠିକଣ, ଟେଲିଫୋନ୍ ନମ୍ବର ଏବଂ ଇ-ମେଲ୍ ଠିକଣା ଦର୍ଶାଯାଇ ସତ୍ୟପାଠ ମାଧ୍ୟମରେ ଦାଖଲ ହେବା ଆବଶ୍ୟକ । ଆପତ୍ତି/ପ୍ରସ୍ତାବ ସହିତ ସମ୍ପୃକ୍ତ କାଗଜ ପତ୍ରର ଏକକିତା ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଯିବା ଆବଶ୍ୟକ । ସତ୍ୟପାଠ ମାଧ୍ୟମରେ ସମୟସୀମା ମଧ୍ୟରେ ଦାଖଲ ହୋଇଥିବା କେବଳ ବୈଧ ପ୍ରସ୍ତାବ/ଆପତ୍ତି ଶୁଣାଣୀ ଗ୍ରହଣଯୋଗ୍ୟ ହେବ ।

୪.ଶୁଣାଣି ତାରିଖ ଖବରକାଗଜ ମାଧ୍ୟମରେ ପ୍ରକାଶିତ ହେବ ଏବଂ ଗ୍ରହଣଯୋଗ୍ୟ ଅପାତ୍ତିକାରୀଙ୍କୁ ଜଣାଇଦିଆଯିବ ।

ତା: ୧୬.୧୨.୨୦୨୧

ସ୍ୱା/-

**ପରିଚାଳନା ନିର୍ଦ୍ଦେଶକ,ଓପିଟିସିଏଲ୍**

ଦ୍ରଷ୍ଟବ୍ୟ: ଓଡ଼ିଆରେ ପ୍ରକାଶିତ ବିଜ୍ଞାପନରେ ଯଦି କୌଣସି ତଥ୍ୟ ଅସ୍ପଷ୍ଟ ହୋଇଥାଏ, ତେବେ ଇଂରାଜୀରେ ପ୍ରକାଶିତ ବିଜ୍ଞାପନ ତଥ୍ୟ ସଠିକ ବୋଲି ଗ୍ରହଣ କରାଯିବ ।

### ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଏସ୍.ଏଲ୍.ଡି.ସି କାର୍ଯ୍ୟପାଇଁ ପ୍ରସ୍ତାବିତ ଫି ଓ ଶୁଳ୍କର ସବିଶେଷ ବିବରଣୀ

ଓଇଆର୍‌ସି (ଫି ଓ ଏସ୍.ଏଲ୍.ଡି.ସି ଶୁଳ୍କ ଏବଂ ଅନ୍ୟ ସମ୍ପର୍କିତ ବିଷୟ) ବିନିୟମ ୨୦୧୦ ଅନୁଯାୟୀ ଏସ୍.ଏଲ୍.ଡି.ସିର ବାର୍ଷିକ ଶୁଳ୍କ ଆକଳନ କରାଯାଇଅଛି।

(କ) ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍.ଓ.ସି) ଏବଂ ବଜାର ପରିଚାଳନା ଶୁଳ୍କ (ଏମ୍.ଓ.ସି) ସମ୍ବଳିତ ବାର୍ଷିକ ଶୁଳ୍କର ବିସ୍ତୃତ ଦେୟ ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ । (ଟଙ୍କା : ଲକ୍ଷ୍ୟରେ)

| | |
|---|---|
| ବାର୍ଷିକ ଶୁଳ୍କ | ୧୪୩୨.୮୩୦ |
| ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) (ବାର୍ଷିକ ଶୁଳ୍କର ୮୦ ପ୍ରତିଶତ ହିସାବରେ) | ୧୧୪୬.୨୬୪ |
| ଆନ୍ତଃ ପ୍ରାଦେଶିକ ସରବରାହ ଲାଇସେନ୍ସି (ଏସ୍‌ଓସି ର ୧୦ ପ୍ରତିଶତ ହିସାବରେ) | ୧୧୪.୬୨୬ |
| ଉତ୍ପାଦନ ସଂସ୍ଥା ଓ ବିକ୍ରେତା (ଏସ୍‌ଓସି ର ୪୫ ପ୍ରତିଶତ ହିସାବରେ) | ୫୧୫.୮୧୯ |
| ବଣ୍ଟନ ଲାଇସେନ୍ସି ଓ କ୍ରେତା (ଏସ୍‌ଓସି ର ୪୫ ପ୍ରତିଶତ ହିସାବରେ) | ୫୧୫.୮୧୯ |
| ବଜାର ପରିଚାଳନା ଶୁଳ୍କ (ଏମ୍‌ଓସି) (ବାର୍ଷିକ ଶୁଳ୍କର ୨୦ ପ୍ରତିଶତ ହିସାବରେ) | ୨୮୬.୫୬୬ |
| ଉତ୍ପାଦନ ସଂସ୍ଥା ଓ ବିକ୍ରେତା (ଏମ୍‌ଓସି ର ୫୦ ପ୍ରତିଶତ ହିସାବରେ) | ୧୪୩.୨୮୩ |
| ବଣ୍ଟନ ଲାଇସେନ୍ସି ଓ କ୍ରେତା (ଏମ୍‌ଓସି ର ୫୦ ପ୍ରତିଶତ ହିସାବରେ) | ୧୪୩.୨୮୩ |

ସି.ଜି.ପି ମାନଙ୍କର ଉପରୋକ୍ତ ଶୁଳ୍କ ନିର୍ଦ୍ଧାରଣ ନିମେନ୍ତ ଏପ୍ରିଲଠାରୁ ଅକ୍ଟୋବର ୨୦୨୧ ମଧ୍ୟରେ ସର୍ବୋଚ୍ଚ ମେଗାୱାଟ୍ ସାରଣୀ ଉପଯୋଗ କରାଯାଇଛି । ରୁଙ୍ଗଟା ମାଇନସ୍ (ଡିଏସ୍‌ପି) ନଭେମ୍ବର ୨୦୨୧ ରୁ ବିଦ୍ୟୁତ୍ ଉପାଦନ କରିଥିବାରୁ , ତାହା କ୍ଷେତ୍ରରେ ନଭେମ୍ବର ୨୦୨୧ ର ସର୍ବୋଚ୍ଚ ସାରଣୀ କୁ ଉପଯୋଗ କରାଯାଇଛି ।ଆର୍ଥିକ ବର୍ଷ ୨୦୨୧-୨୨ରେ (ଅକ୍ଟୋବର ୨୦୨୧ ପର୍ଯ୍ୟନ୍ତ) କୌଣସି ବିଦ୍ୟୁତ୍ ଉତ୍ପାଦନ କରିନଥିବା ସି.ଜି.ପି/ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଗୁଡ଼ିକୁ ଏସ୍.ଏଲ୍.ଡି.ସି ଅର୍ଥ ଆଦାୟ ନିମନ୍ତେ ପୂର୍ବବର୍ଷର ଅନୁମୋଦିତ ସାରଣୀ ଉପଯୋଗ କରାଯାଇଛି ।

ଅକ୍ଷୟ ଶକ୍ତି ବିଦ୍ୟୁତ୍ ଉତ୍ପାଦନକାରୀ , ମୁଖ୍ୟତଃ ସୌର ଓ ଜୈବ ଶକ୍ତି, ଯେଉଁ ମାନଙ୍କର ଗ୍ରୀଡ଼କୋ ସହିତ କ୍ରୟ ଚୁକ୍ତିନାମା ରହିଛି କିମ୍ବା ଯେଉଁ ମାନେ କେପଟିଭ୍ ପ୍ରବାହ (ହ୍ୱିଲିଂ) ଉଦ୍ଦେଶ୍ୟରେ ଉତ୍ପାଦନ କରୁଛନ୍ତି କିମ୍ବା ଯେଉଁ ମାନଙ୍କର ଅକ୍ଷୟ ଶକ୍ତି ପ୍ରମାଣ ପତ୍ର ପାଇଁ ହିସବା ରକ୍ଷଣ କରାଯାଉଛି ସେମାନଙ୍କ ଠାରୁ ଏସ୍.ଏଲ୍.ଡି.ସି ଶୁଳ୍କ ଆଦାୟ କରିବା ପାଇଁ ପ୍ରସ୍ତାବ ଦିଆ ଯାଇଛି ।

କେତକ ଶିଳ୍ପ ସଂସ୍ଥା ମଧ୍ୟ ଅନ୍ତଃ/ଆନ୍ତଃ ପ୍ରାଦେଶିକ ଓପନ୍ ଆକ୍ସେସ୍ ମାଧ୍ୟମରେ ବିଦ୍ୟୁତ୍ ଆମଦାନୀ କରୁଛନ୍ତି । ସେହି ଶିଳ୍ପ ସଂସ୍ଥା ଠାରୁ କେବଳ ସେହି ମାସର କାରବାର ଉପରେ ସର୍ବାଧିକ ସାରଣୀ ଭିତ୍ତିରେ ଏସ୍.ଏଲ୍.ଡି.ସି ଦେୟ ଆଦାୟ କରାଯିବାର ପ୍ରସ୍ତାବ ଦିଆଯାଇଛି ।

(ଖ) ରେଜିଷ୍ଟ୍ରେସନ ଫି : ଉପରୋକ୍ତ ଶୁଳ୍କ ବ୍ୟତିତ ସମସ୍ତ ବ୍ୟବହାରକାରୀମାନଙ୍କ ଠାରୁ ଏକ ଲକ୍ଷ ଟଙ୍କା ହିସାବରେ ପଞ୍ଜୀକରଣ ଶୁଳ୍କ ସମ୍ପୃକ୍ତ ଓଇଆରସି ରେଗୁଲେସନ ଅନୁଯାୟୀ ଆଦାୟ ବ୍ୟବସ୍ଥା ରଖାଯାଇଅଛି । ଯେଉଁ ଶିଳ୍ପ ସଂସ୍ଥା ଅନ୍ତଃ ପ୍ରାଦେଶିକ ଓପନ୍ ଆକ୍ସେସ୍ ମାଧ୍ୟମରେ ବିଦ୍ୟୁତ୍ ଆମଦାନୀ କରୁଛନ୍ତି ସେମାନଙ୍କ ଠାରୁ ମଧ୍ୟ ପଞ୍ଜୀକରଣ ଶୁଳ୍କ ଆଦାୟ କରାଯିବା ପ୍ରସ୍ତାବ ରଖାଯାଇଛି ।

(ଗ) ଆବେଦନ ପତ୍ର ଓ ସାରଣୀ ପ୍ରସ୍ତୁତ ଶୁଳ୍କ: ଓଇଆର୍‌ସି (ଆନ୍ତଃରାଜ୍ୟ ଓପେନ୍ ଏକ୍ସେସ୍ ସର୍ତ୍ତ ଓ ନିୟମାବଳୀ) ବିନିୟମ ୨୦୨୦ ଅନୁଯାୟୀ ଓପେନ୍ ଏକ୍ସେସ୍ କଷ୍ଟମର୍ ମାନଙ୍କ ଠାରୁ ଆବେଦନ ପତ୍ର ଫି ଓ ସାରଣୀ ପ୍ରସ୍ତୁତ ଶୁଳ୍କ ଆଦାୟ କରାଯିବ ।

HIPR-38/2021-22